ଓମ୍ ପ୍ରକାଶ ଅଗ୍ରୱାଲ ଏବଂ ଅନ୍ୟମାନେ

ବନାମ

ବାତାରା ବେହେରା ଏବଂ ଅନ୍ୟମାନେ

ମାର୍ଚ୍ଚ 10, 1999

[ଜି. ବି. ପଟ୍ଟନାୟକ ଏବଂ ଏମ୍. ବି. ଶାହ, ନ୍ୟାୟମୂର୍ତ୍ତିଦ୍ୱୟ ।]

*ପ୍ରଜାସ୍ୱତ୍ୱ ଏବଂ ଭୂ ଆଇନ:*

*ଓଡ଼ିଶା ଭୂ ସଂସ୍କାର ଅଧିନିୟମ, 1960:*

*ଧାରା 2(14) ଏବଂ 73(c) – ଭୂମି - ପୌରପାଳିକା ଅଞ୍ଚଳ ମଧ୍ୟରେ କିମ୍ବା ଗ୍ରାମଗୁଡ଼ିକରେ କିମ୍ବା ସହରାଞ୍ଚଳ ସମୂହରେ ଅବସ୍ଥିତ ଭୂମି - ଅଧିନିୟମର ପ୍ରୟୋଗ - କୁହାଗଲା, ଏହି ଅଧିନିୟମଟି ଏ'ପରି ସମସ୍ତ ଭୂମି ପାଇଁ ପ୍ରଯୁଜ୍ୟ ଯେଉଁଗୁଡ଼ିକ ବ୍ୟବହାର କରାହେଉଛି କିମ୍ବା ଉପଯୋଗୀ କିମ୍ବା କୃଷି ଉଦ୍ଦେଶ୍ୟରେ ବ୍ୟବହାର କରାହେଉଛି ।*

*ଧାରା 22(1) ଏବଂ 23(2) – ଉପ ପ୍ରଭାଗ ଅଧିକାରୀ, ତାଙ୍କ ସମ୍ମୁଖରେ ଉପସ୍ଥାପିତ ତଥ୍ୟ ଆଧାରରେ, ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ବିକ୍ରୟ ଦଲିଲଗୁଡ଼ିକର ବିକ୍ରେତାଗଣ ଅନୁସୂଚିତ ଜାତିର - ଏପରି ଉପସଂହାରକୁ ଅପିଲ ପ୍ରାଧିକାରୀଙ୍କ ସମ୍ମୁଖରେ ଆପତ୍ତି କରାଯାଇନାହିଁ- କୁହାଗଲା, ସିଦ୍ଧାନ୍ତ ଚୂଡ଼ାନ୍ତ ଏବଂ ଏହାକୁ ପୁନର୍ବାର ତର୍କ ଆଲୋଚନା କରିବାକୁ ଅନୁମତି ଦିଆଯାଇପାରିବ ନାହିଁ- ତେଣୁ, ଉଚ୍ଚ ନ୍ୟାୟାଳୟ ଉକ୍ତ ପ୍ରଶ୍ନକୁ ସଠିକ୍ ଭାବରେ ବିଚାର କରିନଥିଲେ- ତେଣୁ, ଉକ୍ତ ପ୍ରଶ୍ନ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ପୁନର୍ବାର ଉତ୍ଥାପିତ କରାଯାଇପାରିବ ନାହିଁ ।*

*ଶବ୍ଦାବଳୀ ଏବଂ ବାକ୍ୟାଂଶମାନ:*

*"ଭୂମି"-ଏହାର ଅର୍ଥ - ଓଡିଶା ଭୂ-ସଂସ୍କାର ଅଧିନିୟମ, 1960 ର ଧାରା 2(14) ର ସନ୍ଦର୍ଭରେ ।*

**ପୌରପାଳିକା ସୀମା ମଧ୍ୟରେ ଅବସ୍ଥିତ କୃଷି ଭୂମି ଆରୋପିତ ଅନୁସୂଚିତ ଜାତିର ବ୍ୟକ୍ତିଙ୍କ ଦ୍ୱାରା ଏକ ପଞ୍ଜୀକୃତ ବିକ୍ରି ଦଲିଲ ଦ୍ୱାରା ଆବେଦନକାରୀଙ୍କୁ ବିକ୍ରି କରାଯାଇଥିଲା ଯିଏ ଅଣ-ଅନୁସୂଚିତ ଜାତିର ଥିଲେ । ଉପରୋକ୍ତ ବିକ୍ରି ଦଲିଲ ବିକ୍ରେତାମାନଙ୍କ ସହ ଅଂଶୀଦାର ଥିବା ପ୍ରଥମ ପ୍ରତିବାଦୀ ଓଡିଶା ଭୂ-ସଂସ୍କାର ଅଧିନିୟମ, 1960 ର ଧାରା 23 ଅନୁଯାୟୀ ରାଜସ୍ୱ ଅଧିକାରୀଙ୍କ ନିକଟରେ ଏହି ଆଧାରରେ ଆବେଦନ ଦାଖଲ କରିଥିଲେ ଯେ, ଉକ୍ତ ହସ୍ତାନ୍ତର ଅଧିନିୟମର ଧାରା 22(1)ର ଉଲ୍ଲଙ୍ଘନ ଥିଲା ଏବଂ ତେଣୁ ବିକ୍ରେତାମାନଙ୍କୁ ନିଜ ଦଖଲାଧିକାରକୁ ଫେରାଇ ନିଆଯିବା ଉଚିତ ।**

ରାଜସ୍ୱ ଅଧିକାରୀ ଏହି ଉପସଂହାର ପହଞ୍ଚିଥିଲେ ଯେ ବିକ୍ରେତାମାନେ ଅନୁସୂଚିତ ଜାତିର ଅଟନ୍ତି ଏବଂ ଉକ୍ତ ଭୂମି ପୌରପାଳିକା ସୀମା ମଧ୍ୟରେ ଅବସ୍ଥିତ ହୋଇଥିଲେ ମଧ୍ୟ ଉକ୍ତ ଭୂମି ଅଧିନିୟମ ଦ୍ୱାରା ପରିଚାଳିତ ହୋଇପାରିବ । ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଏହି ଆବେଦନକୁ ଖାରଜ କରିଦେଇଛନ୍ତି । ତେବେ ସ୍ୱତନ୍ତ୍ର ଅଧିକାରୀ, ଭୂ-ସଂସ୍କାର ଏହି ଆଧାରରେ ସଂଶୋଧନକୁ ଅନୁମତି ଦେଇଥିଲେ ଯେ ଏହି ଅଧିନିୟମ ସମ୍ପୃକ୍ତ ଭୂମି ଉପରେ ଲାଗୁ ହୋଇନଥାଏ । ପ୍ରଥମ ପ୍ରତିବାଦୀ ଉପରୋକ୍ତ ଆଦେଶ ଆପତ୍ତି କରି ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ୍ ଦାଖଲ କରିଥିଲେ, ଯାହାକୁ ଅନୁମତି ଦିଆଯାଇଥିଲା । ସେଥିପାଇଁ ଏହି ଆବେଦନ କରାଯାଇଛି ।

ଆବେଦନକାରୀଙ୍କ ତରଫରୁ ଏହା ଯୁକ୍ତି କରାଯାଇଥିଲା ଯେ ବିକ୍ରେତାମାନେ ଅନୁସୂଚିତ ଜାତିର ବୋଲି ସୂଚିତ କରିବା ପାଇଁ କୌଣସି ତଥ୍ୟର ଅନୁପସ୍ଥିତିରେ ଅଧିନିୟମର ଧାରା 22 ଅନୁଯାୟୀ ପ୍ରତିବନ୍ଧକ ଲାଗୁ ହେବ ନାହିଁ ଏବଂ ତେଣୁ ଧାରା 23 ଅନୁଯାୟୀ ଆବେଦନ ଗ୍ରହଣୀୟ ନୁହେଁ ।

ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ

କହିଲେ: 1. ଓଡିଶା ଭୂ-ସଂସ୍କାର ଅଧିନିୟମ,1960, ଏଥିରେ କୌଣସି ସନ୍ଦେହ ନାହିଁ, କୃଷି ସଂସ୍କାର ଏବଂ ଭୂସ୍ୱତ୍ୱ ଏବଂ ମଧ୍ୟସ୍ଥି ସ୍ୱାର୍ଥ ଉଚ୍ଛେଦ ସମ୍ବନ୍ଧୀୟ ଏକ ପଦକ୍ଷେପ କିନ୍ତୁ ଏହି ଅଧିନିୟମରେ ଏପରି କୌଣସି ବ୍ୟବସ୍ଥା ନାହିଁ ଯାହା ଏପରି କୃଷି ଜମିକୁ ବାଦ ଦେଇଥାଏ କାରଣ ସେଗୁଡ଼ିକ କେବଳ ଏକ ସହରାଞ୍ଚଳ ସମୂହରେ ଅବସ୍ଥିତ । ଏହି ଅଧିନିୟମ ସେହି ସମସ୍ତ ଭୂମି ପାଇଁ ପ୍ରଯୁଜ୍ୟ, ଯାହା ବ୍ୟବହୃତ ହେଉଛି, କିମ୍ବା କୃଷି ଉଦ୍ଦେଶ୍ୟରେ ବ୍ୟବହାର ହେବାକୁ ଉପଯୋଗୀ, ଏହା ନିର୍ବିଶେଷରେ, ପୌରପାଳିକା ଅଞ୍ଚଳ ମଧ୍ୟରେ ହେଉ କି ଗ୍ରାମରେ ଅବସ୍ଥିତ ହେଇଥାଉ । ଏହି ଅଧିନିୟମର ମୂଳ ଉଦ୍ଦେଶ୍ୟ ହେଉଛି କୃଷି ସଂସ୍କାର, ଯଦି ପୌରପାଳିକା କ୍ଷେତ୍ର ମଧ୍ୟରେ ଥିବା କୃଷି ଭୂମିକୁ ଅଧିନିୟମ ପରିସରରୁ ବାଦ ଦିଆଯାଏ ତେବେ ଏହାର ଉଦ୍ଦେଶ୍ୟ ନୈରାଶ୍ୟଜନକ ହେବ ।

2. ଉପ ପ୍ରଭାଗ ଅଧିକାରୀ ତାଙ୍କ ସମ୍ମୁଖରେ ଉପସ୍ଥାପିତ ତଥ୍ୟ ଆଧାରରେ ଏକ ସକାରାତ୍ମକ ଉପସଂହାର ପହଞ୍ଚିଥିଲେ ଯେ ବିକ୍ରୟ ଦଲିଲଗୁଡ଼ିକର ବିକ୍ରେତାମାନେ ଅନୁସୂଚୀତ ଜାତିର ଅଟନ୍ତି । ଯେହେତୁ ଉପ ପ୍ରଭାଗ ଅଧିକାରୀଙ୍କ ଏହି ସିଦ୍ଧାନ୍ତକୁ ଅପିଲ ପ୍ରାଧିକାରୀଙ୍କ ସମ୍ମୁଖରେ ଆହ୍ୱାନ କରାଯାଇନଥିଲା, ତେଣୁ ଉକ୍ତ ସିଦ୍ଧାନ୍ତ ଚୂଡ଼ାନ୍ତ ହୋଇଯାଇଛି ଏବଂ ଏହାକୁ ପୁନର୍ବାର ତର୍କ ଆଲୋଚନା କରିବାକୁ ଅନୁମତି ଦିଆଯାଇପାରିବ ନାହିଁ । ସଠିକ୍‌ରେ, ତେଣୁ, ଉଚ୍ଚ ନ୍ୟାୟାଳୟ ଉକ୍ତ ପ୍ରଶ୍ନଟିକୁ ବିଚାରକୁ ନେଲେ ନାହିଁ ଏବଂ ସେହି ପ୍ରଶ୍ନକୁ ଏହି ନ୍ୟାୟାଳୟ ସମ୍ମୁଖରେ ପୁନର୍ବାର ଉତ୍ଥାପିତ କରାଯାଇପାରିବ ନାହିଁ ।

ଦେୱାନୀ ଅପିଲ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 121/1986 ।

ଓ.ଜେ.ସି. ସଂଖ୍ୟା 321/1984 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା 4.7.85 ରିଖ ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପାଇଁ ଜି. ଏଲ. ସାଙ୍ଘି ଏବଂ ବିନୁ ଭଗତ

ଉତ୍ତରଦାତାମାନଙ୍କ ପାଇଁ ପି. ଏନ୍. ମିଶ୍ର, ଆର୍. ଏସ୍. ଜେନା ଏବଂ ରାଜ କୁମାର ମେହେଟ୍ଟା ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**ପଟ୍ଟନାୟକ, ନ୍ୟାୟମୂର୍ତ୍ତି** । ଏହି ଆବେଦନ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ତା 4.7.85 ରିଖର ରାୟ ବିରୁଦ୍ଧରେ ନିର୍ଦ୍ଦେଶିତ ହୋଇଛି ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଛନ୍ତି ଯେ ପୌରପାଳିକା କ୍ଷେତ୍ର ମଧ୍ୟରେ ଥିବା କୃଷି ଭୂମି ମଧ୍ୟ ଓଡ଼ିଶା ଭୂ-ସଂସ୍କାର ଅଧିନିୟମ ଅଧୀନରେ ଆସିବ । ଏହି ବିବାଦୀୟ ଭୂମିର ପରିମାଣ 2.133 ଏକର ଯାହା କଟକ ସହରର ପରିସୀମାରେ ଅବସ୍ଥିତ ଏବଂ ଉକ୍ତ ଜମିକୁ ଅଣ-ଅନୁସୂଚିତ ଜାତି ବ୍ୟକ୍ତିଙ୍କ ସପକ୍ଷରେ ତା 24.6.1966 ରିଖରେ ପଞ୍ଜୀକୃତ ବିକ୍ରି ଦଲିଲ ଦ୍ୱାରା ଅନୁସୂଚିତ ଜାତିର ବ୍ୟକ୍ତିମାନେ ବିକ୍ରି କରିଥିଲେ ବୋଲି ଆରୋପିତ କରାଯାଇଥିଲା । ଉପରୋକ୍ତ ବିକ୍ରି ଦଲିଲର ବିକ୍ରେତାଙ୍କ ସହ ଅଂଶୀଦାର ଥିବା ପ୍ରଥମ ପ୍ରତିବାଦୀ ଓଡ଼ିଶା ଭୂ-ସଂସ୍କାର ଅଧିନିୟମର ଧାରା 23 (ଏହା ପରେ 'ଅଧିନିୟମ' ଭାବରେ ସୂଚିତ) ଅନୁଯାୟୀ ରାଜସ୍ୱ ଅଧିକାରୀଙ୍କ ଅଧିକାରିତା କ୍ଷେତ୍ରକୁ ଆହ୍ୱାନ କରି ଧାରା 22 ର ଉପଧାରା (1) ର ଉଲ୍ଲଘଂନ ହେତୁ ଉକ୍ତ ହସ୍ତାନ୍ତର ଅସିଦ୍ଧ ଏବଂ ତେଣୁ ବିକ୍ରେତାଙ୍କୁ ଫେରାଇ ଦେବା ଉଚିତ୍ ବୋଲି ଆରୋପଣ କରି ଏକ ପିଟିସନ୍ ଦାଖଲ କରିଥିଲେ । ଉକ୍ତ ରାଜସ୍ୱ ଅଧିକାରୀ ଧାରା 23 ର ଉପଧାରା (2) ଅନୁଯାୟୀ ଆବଶ୍ୟକ ତଦନ୍ତ କରିଥିଲେ ଏବଂ ତା 28.2.83 ରିଖର ଆଦେଶ ଦ୍ୱାରା ବିକ୍ରୟ ଅବୈଧ ବୋଲି ଘୋଷଣା କରିଥିଲେ । ଉପରୋକ୍ତ ଉପସଂହାରରେ ପହଞ୍ଚିବା ପରେ ରାଜସ୍ୱ ଅଧିକାରୀ ଏହି ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରିଥିଲେ ଯେ ବିକ୍ରେତାମାନେ ଅନୁସୂଚିତ ଜାତିର ବ୍ୟକ୍ତି ନୁହଁନ୍ତି ଏହି ଭୂମି କଟକ ସହରର ପୌରପାଳିକା ପରିସୀମା ମଧ୍ୟରେ ଅବସ୍ଥିତ ହେବା ସତ୍ତ୍ୱେ ଉକ୍ତ ଭୂମିଗୁଡ଼ିକ ଓଡ଼ିଶା ଭୂ-ସଂସ୍କାର ଅଧିନିୟମ ଦ୍ୱାରା ପରିଚାଳିତ ହୋଇପାରିବ ବୋଲି ସିଦ୍ଧାନ୍ତକୁ ମଧ୍ୟ ଲିପିବଦ୍ଧ କରିଥିଲେ । ରାଜସ୍ୱ ଅଧିକାରୀଙ୍କ ଉପରୋକ୍ତ ଆଦେଶ କଟକ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଆବେଦନରେ ଆହ୍ୱାନ କରାଯାଇଥିଲା, କିନ୍ତୁ ତା 7.6.83 ରିଖର ଆଦେଶ ଦ୍ୱାରା ଆବେଦନକୁ ଖାରଜ କରାଯାଇଥିଲା । ଏହାପରେ ଏହି ମାମଲାକୁ ସ୍ୱତନ୍ତ୍ର ଅଧିକାରୀ, ଭୂ-ସଂସ୍କାର, କଟକଙ୍କ ନିକଟକୁ ପଠାଯାଇଥିଲା ଏବଂ ଉକ୍ତ ସ୍ୱତନ୍ତ୍ର ଅଧିକାରୀ ସହରାଞ୍ଚଳ ଭୂମି ଉପରେ ଭୂ-ସଂସ୍କାର ଅଧିନିୟମ ଲାଗୁ ହେବ ନାହିଁ ବୋଲି ଏକ ଉପସଂହାର ଉପରେ ତା 31.12.1983 ରିଖର ଆଦେଶ ଦ୍ୱାରା ସଂଶୋଧନକୁ ଅନୁମତି ଦେଇଥିଲେ । ସ୍ୱତନ୍ତ୍ର ଅଧିକାରୀ, ଭୂ-ସଂସ୍କାର, କଟକଙ୍କ ଉପରୋକ୍ତ ଆଦେଶକୁ ବିରୋଧ କରି ପ୍ରଥମ ପ୍ରତିବାଦୀ ଏକ ରିଟ ପିଟିସନ ଦାଖଲ କରିଥିଲେ ଏବଂ ଉଚ୍ଚ ନ୍ୟାୟାଳୟ ଆଇନର ବିଭିନ୍ନ ବ୍ୟବସ୍ଥାଗୁଡ଼ିକୁ ବିଶ୍ଳେଷଣ କରିବା ପରେ, ବିଶେଷ କରି, ଅଧିନିୟମର ଧାରା 2(14) ରେ 'ଭୂମି' ର ସଂଜ୍ଞା ନେଇ ଏହାର ତା 4.7.85 ରିଖର ଆକ୍ଷେପିତ ରାୟ ଦ୍ୱାରା ଏହି ଉପସଂହାରରେ ପହଞ୍ଚିଥିଲେ ଯେ, ସହରାଞ୍ଚଳ ମଧ୍ୟରେ ଥିବା ଭୂମିର ସ୍ଥିତି ନିର୍ଦ୍ଦିଷ୍ଟ ଭୂମିଟି ଭୂ-ସଂସ୍କାର ଅଧିନିୟମର ପରିସରଭୁକ୍ତ ହୋଇଛି କି ନାହିଁ ନିର୍ଦ୍ଧାରଣ କରିବା ପାଇଁ ଏକ ପ୍ରାସଙ୍ଗିକ କାରଣ ନୁହେଁ । କିନ୍ତୁ ଅଧିନିୟମର ଧାରା 2(14) ଅନୁଯାୟୀ ବିବାଦୀୟ ଭୂମି 'ଭୂମି' ର ସଂଜ୍ଞା ମଧ୍ୟରେ ଆସୁଛି କି ନାହିଁ ତାହା ଦର୍ଶାଇବା ପାଇଁ ପକ୍ଷମାନଙ୍କ ଦ୍ୱାରା କୌଣସି ପ୍ରମାଣ ନ ଥିବାରୁ ଉଚ୍ଚ ନ୍ୟାୟାଳୟ ଉଭୟ ପକ୍ଷଙ୍କୁ ଯଦି ସେମାନଙ୍କୁ ସେଭଳି ପରାମର୍ଶ ଦିଆଯାଏ

ପ୍ରମାଣ ଉପସ୍ଥାପନ କରିବାକୁ ସୁଯୋଗ ଦେବା ପରେ ନୂତନ ସମାଧାନ ପାଇଁ ଉପ ପ୍ରଭାଗ ଅଧିକାରୀଙ୍କୁ ମାମଲାଟିକୁ ପୁଣି ପଠାଇଥିଲେ । ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଏହି ଆଦେଶକୁ ଏହି ଆବେଦନରେ ଆପତ୍ତି କରାଯାଉଛି ।

ଆବେଦନକାରୀଙ୍କ ପକ୍ଷରୁ ହାଜର ଶ୍ରୀମାନ ବରିଷ୍ଠ ଅଧିବକ୍ତା ଶ୍ରୀ ଜି. ଏଲ. ସାଙ୍ଘି ଯୁକ୍ତି ବାଢ଼ିଥିଲେ ଯେ ଓଡ଼ିଶା ଭୂ-ସଂସ୍କାର ଅଧିନିୟମ ଉଦ୍ଦେଶ୍ୟ ହେଉଛି କୃଷି ଏବଂ ଭୂସ୍ୱତ୍ୱ ସମ୍ବନ୍ଧୀୟ ଏକ ପ୍ରଗତିଶୀଳ ଆଇନ ପ୍ରଣୟନ, ଉକ୍ତ ଅଧିନିୟମ କୌଣସି ସହରର ମୁଖ୍ୟ ପରିଯୋଜନାର ଏକ ଅଂଶ ହୋଇଥିବା ଭୂମି ଉପରେ କୌଣସି ପ୍ରୟୋଗ କରିପାରିବ ନାହିଁ ଏବଂ ତେଣୁ, ଉଚ୍ଚ ନ୍ୟାୟାଳୟ ସମ୍ପୃକ୍ତ ମାମଲାରେ ଭୂ-ସଂସ୍କାର ଅଧିନିୟମ ବ୍ୟବସ୍ଥା ପ୍ରୟୋଗ କରିବାରେ ତ୍ରୁଟି କରିଥିଲେ । ଶ୍ରୀ ସାଙ୍ଘି ଆହୁରି ଯୁକ୍ତି ବାଢ଼ିଥିଲେ ଯେ ବିକ୍ରୟ ଦସ୍ତାବିଜର ବିକ୍ରେତାମାନେ ଅନୁସୂଚିତ ଜାତିର ବୋଲି ସୂଚିତ କରିବା ପାଇଁ କୌଣସି ତଥ୍ୟର ଅନୁପସ୍ଥିତିରେ ଅଧିନିୟମର ଧାରା 22 ଅନୁଯାୟୀ ଥିବା ପ୍ରତିବନ୍ଧକ ଲାଗୁ ହେବ ନାହିଁ ଏବଂ, ତେଣୁ, ଅଧିନିୟମର ଧାରା 23 ଅନୁଯାୟୀ ଆବେଦନ ଗ୍ରହଣୀୟ ନଥିଲା । ଶ୍ରୀ ସାଙ୍ଘି ଏହା ମଧ୍ୟ ଦର୍ଶାଇଥିଲେ ଯେ ଭୂ-ସଂସ୍କାର ଅଧିନିୟମର ଧାରା 73(C) ପରିପ୍ରେକ୍ଷୀରେ ତଥା ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ ନିର୍ଦ୍ଦିଷ୍ଟ ଅଞ୍ଚଳ ଏକ ମୁଖ୍ୟ ପରିଯୋଜନା ମଧ୍ୟରେ ଆସିଥାଏ ଯାହାଦ୍ୱାରା ଏକ ସହରାଞ୍ଚଳ ଭାବରେ ସଂରକ୍ଷିତ ରହିବା ଆବଶ୍ୟକ, ଏହି ଅଧିନିୟମର କୌଣସି ପ୍ରୟୋଗ ହୋଇପାରିବ ନାହିଁ । ଅନ୍ୟପକ୍ଷରେ, ଉତ୍ତରଦାତାମାନଙ୍କ ପାଇଁ ଶ୍ରୀମାନ ବରିଷ୍ଠ ଅଧିବକ୍ତା ଯୁକ୍ତି କରିଥିଲେ ଯେ ଧାରା 2(14) ରେ 'ଭୂମି' ର ସଂଜ୍ଞା ପୌରପାଳିକା କ୍ଷେତ୍ର ମଧ୍ୟରେ ଥିବା ଭୂମିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଯଥେଷ୍ଟ ବ୍ୟାପକ, ଯଦି ତାହା କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥାଏ କିମ୍ବା କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହେବାକୁ ଉପଯୋଗୀ ଅଟେ ଏବଂ ଏହି ବିଷୟକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ଯଥାର୍ଥରେ ପୁନର୍ବିଚାର ପାଇଁ ଉପ ପ୍ରଭାଗ ଅଧିକାରୀଙ୍କ ନିକଟକୁ ପୁଣି ପଠାଇଥିଲେ ।

ପ୍ରତିଦ୍ୱନ୍ଦ୍ୱୀ ଉପସ୍ଥାପନଗୁଡିକୁ ଦୃଷ୍ଟିରେ ରଖି ବିଚାର ପାଇଁ ଉଠୁଥିବା ପ୍ରଥମ ପ୍ରଶ୍ନ ହେଉଛି ଅଧିନିୟମର ଧାରା 2(14) ରେ ଭୂମିକୁ ଯେପରି ସଜ୍ଞାକୃତ କରାଯାଇଛି ଏବଂ ଯେଉଁଗୁଡ଼ିକ ପୌରପାଳିକା କ୍ଷେତ୍ର ମଧ୍ୟରେ କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି କିମ୍ବା ବ୍ୟବହାରଯୋଗ୍ୟ ଅଟନ୍ତି ସେଗୁଡ଼ିକ ଓଡ଼ିଶା ଭୂ-ସଂସ୍କାର ଅଧିନିୟମ ଅଧୀନରେ ଆସୁଛନ୍ତି କି ନାହିଁ । ଏହି ଅଧିନିୟମ, ନିଃସନ୍ଦେହରେ, କୃଷି ସଂସ୍କାର ଏବଂ ଭୂସ୍ୱତ୍ୱ ଏବଂ ମଧ୍ୟସ୍ଥି ସ୍ୱାର୍ଥର ଉଚ୍ଛେଦ ସମ୍ବନ୍ଧରେ ଏକ ପଦକ୍ଷେପ କିନ୍ତୁ ଏହି ଅଧିନିୟମରେ ଏପରି କୌଣସି ବ୍ୟବସ୍ଥା ନାହିଁ ଯାହା ଏପରି କୃଷି ଭୂମିକୁ କେବଳ ସହରାଞ୍ଚଳ ସମୂହରେ ଅବସ୍ଥିତ ବୋଲି ବାଦ୍ ଦେଇଥାଏ । ଏହି ଅଧିନିୟମ ସେହି ସମସ୍ତ ଭୂମିଗୁଡ଼ିକ ପାଇଁ ପ୍ରଯୁଜ୍ୟ, ଯେଉଁଗୁଡ଼ିକ କୃଷି ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ କିମ୍ବା ବ୍ୟବହାରଯୋଗ୍ୟ, ନିର୍ବିଶେଷରେ, ସେଗୁଡ଼ିକ ପୌରପାଳିକା ଅଞ୍ଚଳରେ ଅବା ଗ୍ରାମରେ ଅବସ୍ଥିତ ହେଇଥା'ନ୍ତୁ । ଏହି ଅଧିନିୟମର ମୂଳ ଉଦ୍ଦେଶ୍ୟ ହେଉଛି ଏକ କୃଷି ସଂସ୍କାର, ଯଦି ପୌରପାଳିକା କ୍ଷେତ୍ର ମଧ୍ୟରେ ଥିବା କୃଷି ଜମିକୁ ଅଧିନିୟମ ପରିସରରୁ ବାଦ ଦିଆଯାଏ ତେବେ ଏହାର ଉଦ୍ଦେଶ୍ୟ ନୈରାଶ୍ୟଜନକ ହେବ । ଏହି ପ୍ରସଙ୍ଗରେ ଆମର ଏହି ଉପସଂହାରରେ ପହଞ୍ଚିବାରେ କୌଣସି ଦ୍ୱିଧା ନାହିଁ ଯେ ଉକ୍ତ ଭୂମିଗୁଡ଼ିକ ଯେଉଁଠାରେ ଅବସ୍ଥିତ ହେଇଥା'ନ୍ତୁ, ନିର୍ବିଶେଷରେ, ଏହି ଅଧିନିୟମ ସେହି ସମସ୍ତ ଭୂମି ପାଇଁ ପ୍ରଯୁଜ୍ୟ ଯାହା

ବ୍ୟବହାର କରାଯାଉଛି କିମ୍ବା ଉଦ୍ଦେଶ୍ୟ ଚରିତାର୍ଥେ ବ୍ୟବହାରଯୋଗ୍ୟ ଏବଂ ଏହି ଗଣନାରେ ଉଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତ ଅଖଣ୍ଡନୀୟ । ତେଣୁ ଶ୍ରୀ ସାଙ୍ଘିଙ୍କ ପ୍ରଥମ ଉପସ୍ଥାପନ ସମ୍ପୂର୍ଣ୍ଣ ଦମ୍ଭହୀନ । ବିକ୍ରେତାମାନେ ଅନୁସୂଚିତ ଜାତିର ନୁହନ୍ତି ବୋଲି ଯେଉଁ ପ୍ରଶ୍ନ ଉଠିଛି, ସେଥିରୁ ଜଣାପଡୁଛି ଯେ ଉପ ପ୍ରଭାଗ ଅଧିକାରୀ ତାଙ୍କ ସମ୍ମୁଖରେ ଉପସ୍ଥାପିତ ତଥ୍ୟ ଆଧାରରେ ଏକ ସକାରାତ୍ମକ ଉପସଂହାରରେ ପହଞ୍ଚିଛନ୍ତି ଯେ ବିକ୍ରୟ ଦସ୍ତାବିଜର ବିକ୍ରେତାମାନେ ଅନୁସୂଚିତ ଜାତିର ବୋଲି ଯାହା ଜମିପଟ୍ଟା ଦ୍ୱାରା ସୁନିଶ୍ଚିତ ହୋଇଛି । ଉପ ପ୍ରଭାଗ ଅଧିକାରୀଙ୍କ ଏହି ଉପସଂହାରକୁ ଅପିଲ ପ୍ରାଧିକାରୀଙ୍କ ସମ୍ମୁଖରେ ଆହ୍ୱାନ କରାଯାଇନଥିଲା, ଯାହା ଅପିଲର ରାୟର ପାରା 2 ରେ ସୁଦୃଶ୍ୟ । ଯେହେତୁ ବିକ୍ରୟ ଦସ୍ତାବିଜର ବିକ୍ରେତାମାନେ ଅନୁସୂଚିତ ଜାତିର କି ନୁହେଁ, ଏହି ପ୍ରଶ୍ନ ଉପରେ ଉପ ପ୍ରଭାଗ ଅଧିକାରୀଙ୍କ ସିଦ୍ଧାନ୍ତକୁ ଅପିଲ ପ୍ରାଧିକାରୀଙ୍କ ସମ୍ମୁଖରେ ଆହ୍ୱାନ କରାଯାଇ ନାହିଁ, ଉକ୍ତ ସିଦ୍ଧାନ୍ତ ଚୂଡ଼ାନ୍ତ ହୋଇଛି ଏବଂ ଏହାକୁ ପୁନର୍ବାର ତର୍କ ଆଲୋଚନା କରିବାକୁ ଅନୁମତି ଦିଆଯାଇପାରିବ ନାହିଁ । ସଠିକ୍ ଭାବେ, ତେଣୁକରି, ଉଚ୍ଚ ନ୍ୟାୟାଳୟ ଉକ୍ତ ପ୍ରଶ୍ନଟିକୁ ବିଚାରକୁ ନେଲେ ନାହିଁ ଏବଂ ଆମ୍ଭର ବିଚାରପୂର୍ଣ୍ଣ ମତାମତ ଅନୁଯାୟୀ, ସେହି ପ୍ରଶ୍ନକୁ ବର୍ତ୍ତମାନ ପୁନର୍ବାର ଉନ୍ମୁକ୍ତ କରାଯାଇପାରିବ ନାହିଁ ।

ଶ୍ରୀ ସାଙ୍ଘିଙ୍କ ତୃତୀୟ ଉପସ୍ଥାପନା ସମ୍ବନ୍ଧରେ, ଆମ୍ଭ ପାଖରେ ଏହା ପ୍ରମାଣିତ କରିବା ପାଇଁ ଅଭିଲେଖରେ କୌଣସି ତଥ୍ୟ ନାହିଁ ଯେ ଉକ୍ତ ଅଞ୍ଚଳଟି ଅଧିନିୟମର ଧାରା 73(C) ର ପରିସର ମଧ୍ୟରେ ସରକାରଙ୍କ ସରକାରୀ ରାଜପତ୍ରରେ ଜାରି ହୋଇଥିବା ବିଜ୍ଞପ୍ତି ଦ୍ୱାରା ସହରୀକରଣ ପାଇଁ ସଂରକ୍ଷିତ କରାଯାଇଛି, ତଥ୍ୟ ଯଦ୍ୱାରା ଏହି ଅଧିନିୟମର କୌଣସି ପ୍ରୟୋଗ ହୋଇପାରିବ ନାହିଁ । ଏପରି ତଥ୍ୟର ଅନୁପସ୍ଥିତିରେ ଆବେଦନକାରୀଙ୍କ ତରଫରୁ ହାଜର ଶ୍ରୀମାନ ବରିଷ୍ଠ ଅଧିବକ୍ତା ଶ୍ରୀ ସାଙ୍ଘିଙ୍କ ଉକ୍ତ ଉପସ୍ଥାପନକୁ ବଜାୟ ରଖିବା ଆମ୍ଭ ପକ୍ଷରେ କଷ୍ଟକର ।

ଏହି ପରିସରରେ, ପୂର୍ବ କଥିତାନୁସାରେ, ସମସ୍ତ ଉପସ୍ଥାପନ ବିଫଳ ହେବା ଦ୍ୱାରା ଆବେଦନଟି ବିଫଳ ହୋଇଛି ଏବଂ ଖାରଜ କରାଯାଉଛି । କିନ୍ତୁ ସ୍ଥଳବିଶେଷରେ, ଖର୍ଚ୍ଚ ବିଷୟରେ କୌଣସି ଆଦେଶ ରହିବ ନାହିଁ ।

ଭି.ଏସ.ଏସ.

ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**